# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**25 July - 2024**

**News Editor : Tapan Kumar Moharana**

********************************

## ମୁଖ୍ୟ ସମ୍ବାଦ

- ଚଳିତ ଆର୍ଥିକବର୍ଷ ପାଇଁ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିବେ ବଜେଟ୍
- ଜାତୀୟ ଶିକ୍ଷାନୀତି-୨୦୨୦ର ଚତୁର୍ଥବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳନ କରାଯାଉଛି ଶିକ୍ଷାସପ୍ତାହ
- ହୀରାକୁଦ ଜଳଭଣ୍ଡାରରୁ ଆସନ୍ତା ରବିବାର ଦିନ ନିଷ୍କାସିତ ହେବ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ବିଧାନସଭା

ରାଜ୍ୟ ସରକାର ଚଳିତ ଆର୍ଥିକବର୍ଷ ୨୦୨୪-୨୫ ବର୍ଷ ପାଇଁ ଆଜି ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ  ଅପରାହ୍ନ ଅଧିବେଶନରେ ଗୃହରେ ବଜେଟ୍ ଉପସ୍ଥାପନ କରିବେ ବୋଲି ବିଧାନସଭା ସୂତ୍ରରୁ ଜଣାପଡିଛି।

ଅନ୍ୟପକ୍ଷରେ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଶୂନ୍ୟକାଳରେ ବିରୋଧିଦଳ ସଦସ୍ୟଙ୍କ ହଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପ୍ରଶ୍ନକାଳ ସ୍ୱାଭାବିକ୍ ଭାବେ ଚାଲିବା ପରେ ବିରୋଧିଦଳ ସଦସ୍ୟମାନେ ପୋଲାଭରମ୍ ପ୍ରସଙ୍ଗରେ ଗୃହକମିଟି ଗଠନ ଦାବି କରି ହୋ-ହଲ୍ଲା କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗରେ **ପଏଣ୍ଟ ଅଫ୍ ଅର୍ଡର** ଦାବି କରି ହଟ୍ଟଗୋଳ କରିବା ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଶୂନ୍ୟକାଳରେ କଂଗ୍ରେସ ଦଳର ନେତା ରାମଚନ୍ଦ୍ର କାଡାମ ପୋଲାଭରମ୍ ପ୍ରକଳ୍ପରେ କେନ୍ଦ୍ରୀୟ ସହାୟତା ପ୍ରସଙ୍ଗରେ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ, ପ୍ରକଳ୍ପ ଯୋଗୁଁ ରାଜ୍ୟର ୧ ହଜାର ୩୦୦ ଗ୍ରାମ ଜଳମଗ୍ନ ହେବାର ଆଶଙ୍କା ରହିଛି।

ବାଚସ୍ପତି ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱର ସହ ନିଅନ୍ତୁ ଏବଂ ଗୃହକମିଟି ଗଠନ କରନ୍ତୁ ବୋଲି  ଶ୍ରୀ କାଡମ୍ ଦାବି କରିଥିଲେ। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋ-ହଲ୍ଲା କରିବା ଯୋଗୁଁ ବାଚସ୍ପତି ପ୍ରଥମେ ଗୃହକୁ

୧୧ଟା ୫୪ ମିନିଟ୍‌ରୁ ୧୨ ଟା ୯ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପ୍ରଥମ ମୁଲତବୀ ପରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ବିଧାୟକମାନେ ଗୃହରେ ସମାନ ଦାବି କରି ହୋ-ହଲ୍ଲା କରିଥିଲେ। ଅନ୍ୟପକ୍ଷରେ, ବିଜୁ ଜନତା ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ବାଚସ୍ପତିଙ୍କ ନିକଟରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପଏଣ୍ଟ ଅଫ୍ ଅର୍ଡର ଦାବି କରିଥିଲେ। ଉଭୟ ବିଜେଡି ଏବଂ କଂଗ୍ରେସ ଦଳର ସଦସ୍ୟମାନେ ହୋ-ହଲ୍ଲା କରିବା ଯୋଗୁଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ମଧ୍ୟାହ୍ନ ୧୨ଟା ୧୨ ମିନିଟ୍‌ରୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ରଖିଛନ୍ତି।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ମାସରେ ପୂର୍ବ ସରକାର ୨ ଲକ୍ଷ ୫୫ ହଜାର କୋଟି ଟଙ୍କାର କାମଚଲା ବଜେଟ୍ ଗୃହରେ ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାର  ଚଳିତ ଆର୍ଥିକବର୍ଷ ବଜେଟ୍‌ରେ ଓଡ଼ିଶାକୁ ୫୬ ହଜାର ୪୭୩ କୋଟି ଟଙ୍କା କେନ୍ଦ୍ରୀୟ ଟିକସ ଭାଗ ଦେବା ପାଇଁ  ପ୍ରାବଧାନ କରିଛନ୍ତି। ଆଜିର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ ହେବା ପୂର୍ବରୁ ଗତକାଲି ବିଧାନସଭାରେ ବିଗତ ୨୦୨୩-୨୪ ଆର୍ଥିକବର୍ଷର ସର୍ଭେ ରିପୋର୍ଟ ଉପସ୍ଥାପିତ ହୋଇଛି। ଏଥିରେ ରାଜ୍ୟର ଅଭିବୃଦ୍ଧି ହାର ୮ ଦଶମିକ ୫ ପ୍ରତିଶତ ଆକଳନ କରାଯାଇଛି।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୮ ତାରିଖ ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ

ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ଶିକ୍ଷାସପ୍ତାହ

ଜାତୀୟ ଶିକ୍ଷାନୀତି ୨୦୨୦ର ଚତୁର୍ଥବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷାସପ୍ତାହ ପାଳନ କରାଯାଉଛି। ଛାତ୍ରଛାତ୍ରୀଙ୍କ ମାନସିକ ତଥା ଶାରୀରିକ ବିକାଶକୁ ଗୁରୁତ୍ୱ ଦେବା ଏହି ସପ୍ତାହ ପାଳନର ଲକ୍ଷ୍ୟ। ଶିକ୍ଷା ସପ୍ତାହର ଗତକାଲି ତୃତୀୟ ଦିବସକୁ କ୍ରୀଡାଦିବସ ରୂପେ ପାଳନ କରାଯାଇଛି। କ୍ରୀଡାକୁ ପାଠ୍ୟକ୍ରମ ଭାବରେ ଗ୍ରହଣ କରିବା ଉପରେ ଏହି ଅବସରରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଦେଶର ବିଭିନ୍ନ ଅଂଚଳର ପାରମ୍ପରିକ ଖେଳକୁ ଶିକ୍ଷାନୀତି-୨୦୨୦ରେ ସାମିଲ କରାଯାଇଛି।

## ସୌରଶକ୍ତି ପ୍ରକଳ୍ପ

ରାଜ୍ୟରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ୨୫ ହଜାର କୋଟିରୁ ଅଧିକ ଟଙ୍କା ପୁଞ୍ଜିନିବେଶର ଯୋଜନା ରହିଛି ବୋଲି କମ୍ପାନୀର ଓଡ଼ିଶା ଶାଖା ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର କହିଛନ୍ତି। ବିଧାନସଭା କାର୍ଯ୍ୟାଳୟଠାରେ ଗତକାଲି ଶ୍ରୀ ମହାପାତ୍ର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ୮ ହଜାର କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଜିଲ୍ଲାର କଂସାରୀଗୁଡ଼ାଠାରେ ଆଲୁମିନା ବିଶୋଧନାଗାର ସ୍ଥାପନ ଏବଂ ହୀରାକୁଦଠାରେ ୬ ହଜାର କୋଟି ଟଙ୍କା ବିନିଯୋଗରେ ୧ ହଜାର ମେଗାୱାଟ୍‌ର ଫ୍ଲୋଟିଂ ସୌରଶକ୍ତି ପ୍ରକଳ୍ପ ନିର୍ମାଣର ଯୋଜନା ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେହିଭଳି ସମ୍ବଲପୁର ଜିଲ୍ଲା ଲପାଙ୍ଗାଠାରେ ଆଦିତ୍ୟ ଆଲୁମିନିୟମ୍ ସ୍ମେଲଟର ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ବନ୍ୟାଜଳ ନିଷ୍କାସନ-ହୀରାକୁଦ

ହୀରାକୁଦ ଜଳଭଣ୍ଡାରରୁ ଆସନ୍ତା ରବିବାର ଦିନ ସକାଳ ୯ଟାରେ ଚଳିତବର୍ଷ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ବନ୍ଧର ଭାରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଉପର ମୁଣ୍ଡରେ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ସମୀକ୍ଷା କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ହୀରାକୁଦ ଜଳଭଣ୍ଡାରକୁ ପ୍ରତି

ସେକେଣ୍ଡରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଘନଫୁଟ୍ ଜଳ ପ୍ରବେଶ କରୁଛି। ଜଳଭଣ୍ଡାରର ଜଳସ୍ତର ୬୦୫ ଫୁଟ୍ ହୋଇଛି। ବନ୍ୟାଜଳ ଛଡାଯିବା ନେଇ ତଳମୁଣ୍ଡର ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କୁ ସୂଚନା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

# - V/O –

## ଶ୍ରଦ୍ଧାଞ୍ଜଳି

ଏମ.ଏସ.ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ୱର୍ଗତ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ କୋରାପୁଟଠାରେ ଆୟୋଜିତ ଏକ ସମାରୋହରେ ଯୋଗଦେଇ ଜିଲ୍ଲାପାଳ ଭି.କିରିଥି ଭାସନ୍ କମଳା ପୂଜାରୀଙ୍କର ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିରେ ଏମ୍.ଏସ୍. ସ୍ୱାମୀନାଥ ଗବେଷଣା ପ୍ରତିଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇ କମଳା ପୂଜାରୀଙ୍କ ସ୍ମୃତିଚାରଣ କରିଥିଲେ।

## ସ୍ୱାସ୍ଥ୍ୟସେବା

**ନବରଙ୍ଗପୁର** ଜିଲ୍ଲାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ସିଟିସ୍କାନ୍ ସେବାକୁ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର  ଲୋକାର୍ପଣ କରିଛନ୍ତି। ପିପିପି ମୋଡ୍‌ରେ ଏହି ସେବା ନିଶୁଳ୍କ

ଯୋଗାଇ ଦିଆଯାଉଛି। ଅହୋରାତ୍ର ଏହି ସେବା ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ସୂଚନା ଦେଇଛି।

## ଅଭିଯୋଗ

ଫୁଲବାଣୀ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ପୌରପାଳିକାର ବିଜେଡି କାଉନ୍‌ସିଲର୍‌ଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ପୌରାଧ୍ୟକ୍ଷ ସ୍ମିତାରାଣୀ ମହାନ୍ତିଙ୍କୁ ଅନାସ୍ଥା ଭୋଟରେ  ପରାସ୍ତ ହେବା ପରେ ବିଜେଡି କାଉନ୍‌ସିଲରମାନେ ଭୁବନେଶ୍ୱରଠାରେ ରାଜ୍ୟ ବିରୋଧୀ ଦଳ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଦଳ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ଶ୍ରୀ ପଟ୍ଟନାୟକଙ୍କ ସହ ସେମାନେ ଆଲୋଚନା କରିଛନ୍ତି।

## ଆୟକର ଦିବସ

୧୬୫ତମ ଆୟକର ଦିବସ ଗତକାଲି ଆୟକର ବିଭାଗ ଓଡ଼ିଶା ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ଜୟଦେବ ଭବନ, ସଚିବାଳୟ ମାର୍ଗଠାରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ପ୍ରତ୍ୟକ୍ଷ କରବୋର୍ଡର ଅଧ୍ୟକ୍ଷ ରବି ଅଗ୍ରୱାଲ୍‌ଙ୍କ ବାର୍ତ୍ତା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକରେ ଓଡ଼ିଶାର ପ୍ରମୁଖର ଆୟକର ଆୟୁକ୍ତ ବୀର-ବିର୍ସା ଏକ୍କାଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇଥିଲେ। ବିଭିନ୍ନ ବର୍ଗର ୫ ଜଣ କରଦାତାଙ୍କୁ ପୁରସ୍କୃତ

କରାଯାଇଥିଲା। ୧୮୬୦ ମସିହା ଜୁଲାଇ ୨୪ ତାରିଖରେ ସାର୍ ଜେମ୍ସ୍ ୱିଲ୍ସନ୍ ପ୍ରଥମ ଥର ପାଇଁ ଭାରତରେ ଆୟକର ପ୍ରବର୍ତ୍ତନ କରିଥିଲେ। ଏହାର ସ୍ମୃତିରେ ପ୍ରତିବର୍ଷ ଜୁଲାଇ ୨୪ ତାରିଖକୁ ଆୟକର ଦିବସ ଭାବେ ପାଳନ କରାଯାଉଛି।

# ଓଟିଇଟି

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଓଟିଇଟି ୨୦୨୩ ଅଗଷ୍ଟ ୧୭ ତାରିଖରେ ଅନୁଷ୍ଠିତ ହେବ । ପୂର୍ବରୁ ଏହି ପରୀକ୍ଷା ଅଗଷ୍ଟ ୯ ତାରିଖରେ ହେବାକୁ ଥିଲା । ଦୁଇଟି ସିଟିଂରେ ହେବାକୁ ଥିବା ଏହି ପରୀକ୍ଷାରେ ଏକଲକ୍ଷ ୨୫ହଜାରରୁ ଅଧିକ ପରୀକ୍ଷାର୍ଥୀ ରାଜ୍ୟର ୪୨୦ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ।

# ଭିତରକନିକା

କେନ୍ଦ୍ରାପଡ଼ାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ଅଗଷ୍ଟ ପହିଲାରୁ ଖୋଲିବ । ସୂଚନା ଅନୁସାରେ କୁମ୍ଭୀରମାନଙ୍କ ପ୍ରଜନନ ପ୍ରକ୍ରିୟା ପାଇଁ ଗତ ୩ ମାସ ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା । ଚଳିତବର୍ଷ ପର୍ଯ୍ୟଟକଙ୍କ ପାଇଁ ସ୍କାଏ ୱାକ୍ ବ୍ରିଜ୍ ନିର୍ମାଣ କରାଯାଇଛି । ଆସନ୍ତା ଅଗଷ୍ଟ ପହିଲାରେ ଏହା ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି ।

# ପାଣିପାଗ

ରାଜ୍ୟରେ ମୌସୁମୀର ପ୍ରଭାବରେ ବର୍ଷା ଲାଗି ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଂଚଳରେ ବର୍ଷାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୨୨ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେଥିମଧ୍ୟରୁ ବରଗଡ଼, ସମ୍ବଲପୁର, ଅନୁଗୁଳ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ରହିଛି। ଏପରିକି ଏହିସବୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୧୨ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅପରପକ୍ଷରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରିରହିଛି । ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ୪୧୦ ମିଲିମିଟର ବର୍ଷା ହୋଇଛି । ଏହା ସ୍ୱାଭାବିକ ବର୍ଷା ଠାରୁ ୧୨ ପ୍ରତିଶତ କମ୍ ବୋଲି ଜଣାପଡିଛି ।

**********************************